ନରିନ୍ଦର ସିଂହ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 27, 2006

[ଅରିଜିତ୍ ପଶାୟତ ଏବଂ ଲୋକେଶ୍ୱର ସିଂ ପଣ୍ଡା, ନ୍ୟାୟମୂର୍ତ୍ତିଦ୍ୱୟ]

*ରାୟ:*

*ପକ୍ଷମାନଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତି-- ପ୍ରଭାବର ଅଣ-ବିଚାର-- ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ଆପତ୍ତିକୁ ବିଚାର ନକରି ଉଚ୍ଚ ନ୍ୟାୟାଳୟ ଏକ ନିର୍ଣ୍ଣୟ ପହଞ୍ଚିଛନ୍ତି -- ନିର୍ଣ୍ଣୟ: ଉପଯୁକ୍ତ ନୁହେଁ-- ନୂତନ ଫଏସଲା ପାଇଁ ମାମଲାକୁ ଫେରସ୍ତ କରାଯାଇଛି।*

ଏହି ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ନେଇ ଆପତ୍ତି ହେଇଛି, ଯେଉଁଠି ଅନ୍ୟ ଆଜ୍ଞାଦେଶ ଆବେଦନକାରୀଙ୍କୁ ନୋଟିସ୍ ଜାରି କରିବା ସମୟରେ ବର୍ତ୍ତମାନର ଆବେଦନକାରୀଙ୍କ ସହ ଜଡିତ ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଛି । ଆବେଦନକାରୀଙ୍କ ଅଭିଯୋଗ ହେଉଛି ଯେ ସେମାନେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ବିଭିନ୍ନ ଅଭିଯୋଗ ଉପସ୍ଥାପନା କରିଥିଲେ ଯାହାକୁ ଧ୍ୟାନ ଦିଆଯାଇ ନଥିଲା ଏବଂ ଆଜ୍ଞାଦେଶ ଆବେଦନକୁ କେବଳ ଏହି ଆଧାରରେ ଖାରଜ କରାଯାଇଥିଲା ଯେ ପୋଲିସ୍ ତାଲିମ କଲେଜ ମାନୁଆଲ୍ର ନିୟମ 3.8 ଅନୁଯାୟୀ କୌଣସି ଲାଭ ଉପଲବ୍ଧ ନଥିଲା ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଦର୍ଶାଏ ଯେ ଏହା ଆବେଦନକାରୀଙ୍କ ବିଭିନ୍ନ ଆଭିମୁଖ୍ୟକୁ ବିଚାର କରିନଥିଲା । ଏହା ମଧ୍ୟ ଉଲ୍ଲେଖ କରାଯାଇ ନାହିଁ ଯେ, ନିୟମ 3.8 ସହିତ ଜଡିତ ପୋଲିସ୍ ତାଲିମ କଲେଜ ମାନୁଆଲ ବ୍ୟତୀତ ଅନ୍ୟକୌଣସି ପ୍ରସଙ୍ଗକୁ କାର୍ଯ୍ୟରେ ନିୟୋଜିତ କରାଯାନଇଥିଲା । ଯଦି ଏପରି ହୋଇଥାଆନ୍ତା, ତେବେ ଆବେଦନକାରୀଙ୍କ ଅଭିଯୋଗ ଭିତ୍ତିହୀନ ହୋଇଥାଆନ୍ତା । ଏହି ଆପତ୍ତିକୁ ଖାରଜ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର  ଥିଲେ । କିନ୍ତୁ ବିଚାରକୁ ଗୋଟିଏ ପ୍ରସଙ୍ଗରେ ସୀମିତ ରଖିବା ଏବଂ ଅନ୍ୟ ପ୍ରସଙ୍ଗମାନଙ୍କୁ ନୁହେଁ, ନିଶ୍ଚିତ ଭାବରେ ଏକ ଅନୁମତିପ୍ରାପ୍ତ ଦିଗ ନୁହେଁ । ଏହା ହୋଇପାରେ ଯେ ଉଠାଯାଇଥିବା ବିଭିନ୍ନ ଆପତ୍ତିର କୌଣସି ସାର ନାହିଁ । କିନ୍ତୁ ତାହା ଆକ୍ଷେପିତ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯିବା ଉଚିତ ଥିଲା । ଏପରି ନକରି, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଯାଇଛି ଏବଂ ଆଇନ ଅନୁଯାୟୀ ନୂତନ ସମାଧାନ ପାଇଁ ମାମଲାଟିକୁ ଫେରାଇ ଦିଆଯାଇଛି ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 4282/2006

ତା 4.7.2005 ରିଖରେ, ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 9808/2005 ରେ ପ୍ରଦାନ କରାଯାଇଥିବା ଚୂଡ଼ାନ୍ତ ରାୟ/ଆଦେଶରୁ ଏହି ଆବେଦନ ଆସିଛି ।

ସହିତ

ସି. ଏ. ସଂଖ୍ୟା 4283/2006

ସି.ଏ. ସଂଖ୍ୟା 4282/2006 ରେ ଏଲ୍. ଏନ୍. ରାଓ, ଅଭିଷ୍ଟ କୁମାର ଏବଂ କେ. ଏନ୍. ତ୍ରିପାଠୀ, ଆବେଦନକାରୀ ପାଇଁ।

ସିଏ ନମ୍ବର 4283/2006 ରେ ରାଧା ଶ୍ୟାମ ଜେନା ଆବେଦନକାରୀ ପାଇଁ।

ଅଜୟ ସିୱାଚ୍ ଏବଂ ଟି. ଭି. ଜର୍ଜ, ଉତ୍ତରଦାତାମାନଙ୍କ ପାଇଁ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତଙ୍କ ଦ୍ୱାରା**। ଅନୁମତି ପ୍ରଦାନ କରାଗଲା।

ଏହି ଆବେଦନରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ଆପତ୍ତି କରାଯାଇଛି, ଯେଉଁଥିରେ ଅନ୍ୟ ଦୁଇଜଣ ଆଜ୍ଞାଦେଶ ଆବେଦନକାରୀଙ୍କୁ ନୋଟିସ୍ ଜାରି କରିବା ସମୟରେ ବର୍ତ୍ତମାନର ଆବେଦନକାରୀଙ୍କ ସହ ଜଡିତ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଛନ୍ତି।

ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ, ବର୍ତ୍ତମାନ ଆବେଦନକାରୀମାନେ ପୋଲିସ୍ ତାଲିମ କଲେଜ ମାନୁଆଲ୍ (ସଂକ୍ଷେପରେ, 'ମାନୁଆଲ୍') ର ନିୟମ 3.8 ଅନୁଯାୟୀ ଲାଭ ପାଇବାକୁ ହକଦାର ନୁହଁନ୍ତି, ତେଣୁ ଅନୁଗ୍ରହ ଅଙ୍କ ପାଇବାକୁ ହକଦାର ନୁହଁନ୍ତି। ଉପୋରୋକ୍ତରେ ଯେପରି ଉଲ୍ଲେଖ କରାଯାଇଛି, ସହ-ଆଜ୍ଞାଦେଶ ଆବେଦନକାରୀଙ୍କ ମାମଲାରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନୋଟିସ୍ ଜାରି କରାଯାଇଥିଲା। ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଭିନ୍ନ ଅଭିଯୋଗ ଦାଖଲ କରାଯାଇଥିଲା, ଯାହାକୁ ଏହା ଧ୍ୟାନ ଦେଇନଥିଲା ଏବଂ କେବଳ ମାନୁଆଲର ନିୟମ 3.8 ଅନୁଯାୟୀ କୌଣସି ଲାଭ ଉପଲବ୍ଧ ନଥିବା କାରଣ ଆଧାରରେ ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିଲା।

ଉତ୍ତରଦାତା-ରାଜ୍ୟ ପାଇଁ ବିଦ୍ୱାନ ଓକିଲ, ଉଚ୍ଚ ନ୍ୟାୟାଳୟର ଆଦେଶକୁ ସମର୍ଥନ କରିଥିଲେ।

ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଅଭିଯୋଗଗୁଡ଼ିକର ଦାବି ଯାହା ଆଜ୍ଞାଦେଶ ଆବେଦନର ଏକ ସିଧା ପଠନରୁ ସ୍ପଷ୍ଟ, ସେଗୁଡ଼ିକ ମୂଳତଃ ନିମ୍ନରେ ଦିଆଗଲା:

"(i) ଉତ୍ତରଦାତାମାନଙ୍କ ସେହି କାର୍ଯ୍ୟାନୁଷ୍ଠାନ ପୋଲିସ୍ ତାଲିମ କଲେଜ ମାନୁଆଲର ବିପରୀତ ଅଟେ, ଯେଉଁଥିରେ ଚାରୋଟି ସୁଯୋଗ ପ୍ରଦାନ କରାଯାଇଛି, ଏବଂ ଆବେଦନକାରୀଙ୍କ ସେବାକୁ କେବଳ ଦୁଇଟି ସୁଯୋଗ ପରେ ସମାପ୍ତ କରାଯାଉଛି।

(ii) ଆବେଦନକାରୀମାନଙ୍କୁ ନିୟମ ଅନୁଯାୟୀ ସେମାନଙ୍କର ଏକ ବର୍ଷର ତାଲିମ ଶେଷ କରିବାକୁ ମଧ୍ୟ ଅନୁମତି ଦିଆଯାଇ ନଥିଲା ।ବରଂ ପ୍ରଥମ ପରୀକ୍ଷା ସେତେବେଳେ କରାଯାଇଥିଲା ଯେତେବେଳେ ସେମାନେ କେବଳ ୨ ମାସର ତାଲିମ ସମାପ୍ତ କରିଥିଲେ।

(iii) ଦ୍ୱିତୀୟ ଥର ପରୀକ୍ଷା ଅନୁଷ୍ଠିତ ହେବା ସମୟରେ ଆବେଦନକାରୀମାନଙ୍କୁ ପର୍ଯ୍ୟାପ୍ତ ସମୟ ମଧ୍ୟ ଦିଆଯାଇ ନଥିଲା ।

(iv) ପୂର୍ବରୁ ମଧ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଅନେକ ସୁଯୋଗ ଦିଆଯାଇଥିଲା ।ଏପରିକି ଅନେକ ପ୍ରାର୍ଥୀଙ୍କୁ ନୂତନ ତାଲିମ ପ୍ରଦାନ କରିବାର ସୁଯୋଗ ମଧ୍ୟ ଦିଆଯାଇଥିଲା ।

(v) କେବଳ ଦୁଇଟି ସୁଯୋଗ ଦେବା ପରେ ଆବେଦନକାରୀଙ୍କୁ ବାହାର କରିଦେବା, ସ୍ୱେଚ୍ଛାଚାରୀ ଏବଂ ବେଆଇନ ଅଟେ ।

(vi) ପାଠ୍ୟକ୍ରମଟି ବହୁତ ଲମ୍ବା ଥିଲା ଏବଂ ଆଇନ ବିଷୟ ପଢ଼ାଇବା ପାଇଁ ଉପଯୁକ୍ତ ପ୍ରଶିକ୍ଷକ ନଥିଲେ ଏବଂ ଏପରିକି ସମ୍ପୂର୍ଣ୍ଣ ଏକ ବର୍ଷର ତାଲିମ ସମାପ୍ତ ନକରି ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଥିଲା ।”

ଯେତେଦୂର, ବର୍ତ୍ତମାନ ଆବେଦନକାରୀମାନେ ସମ୍ପୃକ୍ତ, ସେମାନଙ୍କ ଆଜ୍ଞାଦେଶ ଆବେଦନକୁ ଗ୍ରହଣ ପର୍ଯ୍ୟାୟରେ ଖାରଜ କରାଯାଇଥିଲା । କୌଣସି ନୋଟିସ୍ ଜାରି କରାଯାଇ ନଥିଲା, ଏବଂ କୌଣସି ପ୍ରତି ଶପଥ ପାଠ କରାଯାଇ ନଥିଲା । ରାଜ୍ୟ ପାଇଁ ବିଦ୍ୱାନ ଓକିଲଙ୍କ ଆଭିମୁଖ୍ୟ ହେଉଛି ଯେ ଆଜ୍ଞାଦେଶ ଆବେଦନରେ ଆବେଦନକାରୀଙ୍କ ଦ୍ୱାରା ଗୁରୁତ୍ୱ ଦିଆଯାଇଥିବା ବିଭିନ୍ନ ପ୍ରସଙ୍ଗ, ଆଇନରେ ସ୍ପଷ୍ଟ ଭାବରେ ସ୍ଥାୟୀ ନୁହେଁ ।

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ କେବଳ ପଢ଼ିବା ଦ୍ୱାରା ଜଣାପଡ଼େ ଯେ ଏହା ଆବେଦନକାରୀଙ୍କ ବିଭିନ୍ନ ଆଭିମୁଖ୍ୟକୁ ବିଚାର କରିନଥିଲା । ଏହା ମଧ୍ୟ ଉଲ୍ଲେଖ କରାଯାଇ ନାହିଁ ଯେ ମାନୁଆଲର ନିୟମ 3.8 ସହ ଜଡ଼ିତ ବିଷୟ ବ୍ୟତୀତ ଅନ୍ୟ କୌଣସି ବିଷୟକୁ କାର୍ଯ୍ୟରେ ନିୟୋଜିତ କରାଯାଇ ନାହିଁ । ଯଦି ଏପରି ହୋଇଥାଆନ୍ତା, ତେବେ ଆବେଦନକାରୀଙ୍କ ଅଭିଯୋଗ ଭିତ୍ତିହୀନ ହୋଇଥାଆନ୍ତା । କିନ୍ତୁ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଆଭିମୁଖ୍ୟ ବିଷୟରେ ମଧ୍ୟ ଉଲ୍ଲେଖ କରିନଥିଲେ । ଏହି ଆବେଦନକୁ ଖାରଜ କରିବା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଉନ୍ମୁକ୍ତ ଥିଲା, କିନ୍ତୁ ଗୋଟିଏ ପ୍ରସଙ୍ଗ ଉପରେ ବିଚାରକୁ ସୀମିତ ରଖିବା ଏବଂ ଅନ୍ୟପ୍ରସଙ୍ଗ ପାଇଁ ନୁହେଁ, ଏହା ନିଶ୍ଚିତ ଭାବେ ଏକ ଗ୍ରହଣୀୟ ପ୍ରକ୍ରିୟା ନଥିଲା । ରାଜ୍ୟ ପାଇଁ ବିଦ୍ୱାନ ଓକିଲଙ୍କ ଯୁକ୍ତି ଅନୁଯାୟୀ, ଉଠାଯାଇଥିବା ବିଭିନ୍ନ ଆପତ୍ତିଗୁଡିକ ଆଧାରହୀନ ହୋଇଥାଇ ପାରେ । କିନ୍ତୁ ତାହା ଆକ୍ଷେପିତ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯିବା ଉଚିତ ଥିଲା । ଏପରି ନକରି, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରୁଛୁ ଏବଂ ଆଇନ ଅନୁଯାୟୀ ଏହି ମାମଲାର ନୂତନ ସମାଧାନ ପାଇଁ ପୁନଃପ୍ରେରଣ କରୁଛୁ । ଯେହେତୁ ଉଚ୍ଚ ନ୍ୟାୟାଳୟରେ ପ୍ରତିବାଦୀଙ୍କ ଦ୍ୱାରା ପ୍ରତି ସତ୍ୟପାଠ ଆଗତ କରାଯାଇ ନାହିଁ, ତେଣୁ ସେମାନଙ୍କୁ ଚାରି ସପ୍ତାହ ମଧ୍ୟରେ କରିବାକୁ ସମୟ ଦିଆଯାଉ । ଯେହେତୁ ଏହି ମାମଲାଟି କିଛି ଜରୁରୀ ଅଟେ, ତେଣୁ ଉଚ୍ଚ ନ୍ୟାୟାଳୟକୁ ଅନୁରୋଧ କରାଯାଇଛି ଯେ ଯଥାଶୀଘ୍ର ସମ୍ଭବ ଡିସେମ୍ବର, 2006 ଶେଷ ସୁଦ୍ଧା ଆଜ୍ଞାଦେଶ ଆବେଦନ ଉପରେ ନିଷ୍ପତ୍ତି ନିଅନ୍ତୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ, ଆଜ୍ଞାଦେଶ ଆବେଦନକାରୀ ସଂଖ୍ୟା 1 ଏବଂ 2 ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟ ଗ୍ରହଣଯୋଗ୍ୟ କିମ୍ବା ନୁହେଁ, କିମ୍ବା ଉପୋରୋକ୍ତରେ ବର୍ତ୍ତମାନ ଆବେଦନକାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଗ୍ରହଣୀୟତାର ପ୍ରସଙ୍ଗରେ, କୌଣସି ମତ ପ୍ରକାଶ କରିନାହୁଁ ।

ଆବେଦନଗୁଡ଼ିକୁ ଅନୁମତି ପ୍ରଦାନ କରାଗଲା ।ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଡି. ଜି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।